## ସଂକ୍ଷେପରେ

### କୋଭିଡ୍ ନିୟମ ଉଲ୍ଲଂଘନ କରି ପ୍ରଜାମେଳି ୭୧୭ ଜଣଙ୍କ ନାଁରେ ମାମଲା

**ବାଲିଆପାଳ, ୧୦।୮(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଳାଡ଼ିହା ପଞ୍ଚାୟତ ବାଲିବିଲ ହାଟପଡ଼ିଆରେ ଗତ ରବିବାର କ୍ରାନ୍ତି ଦିବସ ଉପଲକ୍ଷେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଣ୍ଟକୁ ବିରୋଧ କରି ଏକ ପ୍ରଜାମେଳି ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋଲାଖୋଲି ଭାବେ କୋଭିଡ୍ ନିୟମ ଉଲ୍ଲଂଘନ କରାଯାଇଥିବା ଏବଂ କୋଭିଡ ସମୟରେ ସାମାଜିକ ବ୍ୟବଧାନ ପ୍ରତି ଦୃଷ୍ଟି ନ ଦେଇ ହଜାର ହଜାର ଲୋକଙ୍କୁ ଏକାଠି କରି ଆନ୍ଦୋଳନ ପାଇଁ ପ୍ରେରଣା ଯୋଗାଉଥିବା ନେତା କାର୍ତ୍ତିକ ନାୟକ, ମାୟାଧର କୁହ୍ଲରୀ, ବନମାଳୀ ବାଗ୍, କମଳାକାନ୍ତ ଜେନା, ମୃତ୍ୟୁଞ୍ଜୟ ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ସଭାରେ ଥିବା ୭୧୭ରୁ ଅଧିକ ଲୋକଙ୍କ ନାଁରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଥାନାରେ ଅଭିଯୋଗ କରିଥିଲେ। ବାଲିଆପାଳ ଥାନାରେ ପୋଲିସ ଏକ ମାମଲା (ନଂ. ୧୭୪/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ବାଙ୍ଗାଲୋରରେ ଓଡ଼ିଆ ଯୁବକ ମୃତ

**ଖଇରା, ୧୦।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ କଲରାପାଳ ଗ୍ରାମର ଜିତେନ୍ଦ୍ର କୁମାର ବେହେରା(୪୦) ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ରବିବାର ରାତିରେ ପ୍ରାଣ ହରାଇଥିଲେ। ତାଙ୍କ ମୃତ୍ୟୁ ଖବର ଗ୍ରାମରେ ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳି ଯାଇଛି। ସେ ବାଙ୍ଗାଲୋର ରୁରାଲ ଜିଲାର ମାରାଥାଳି ଥାନା ଅଧୀନ ଶାଜପୁର ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ବେଳେ ସେ କ୍ରମାଗତ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡିବା ପରେ ତାଙ୍କୁ ଚିକିତ୍ସାପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଚୋରା ମାଙ୍ଗାନିଜ ଗାଡ଼ି ଜବତ, ୩ ଗିରଫ

**ଯୋଡ଼ା, ୧୦।୮(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଏକ ଖଣିରେ ଚୋରା ମାଙ୍ଗାନିଜ ବୋଝେଇ କରୁଥିବା ବେଳେ ପୋଲିସ ଚଢାଉ କରି ଏକ ୧୪ ଚକିଆ ଟ୍ରକ ଜବତ କରିବା ସହିତ ଏଥିରେ ସଂପୃକ୍ତ ୨ ଅଭିଯୁକ୍ତଙ୍କ ସମେତ ଗାଡି ଡ୍ରାଇଭରଙ୍କୁ ଗିରଫ କରିଛି। ଶନିବାର ବିଳମ୍ବିତ ରାତି ପ୍ରାୟ ୨ ଟା ସମୟରେ ସମ୍ପୃକ୍ତ ଖଣିରେ ଚୋରା ଚାଲାଣ କରିବା ନିମନ୍ତେ ଏକ ୧୪ ଚକିଆ ଟ୍ରକରେ ଉନ୍ନତ ମାନର ମୂଲ୍ୟବାନ ମାଙ୍ଗାନିଜ ପଥର ବୋଝେଇ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢାଉ କରିଥିଲା। ଏନେଇ ଯୋଡା ଥାନାରେ ଏକ ମାମଲା (ନଂ. ୧୧୮/୨୦୨୦) ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି।

### ଦୋକାନ ସିଲ୍

**ପଦ୍ମପୁର, ୧୦।୮(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଇରମଠାରେ ସାପ୍ତାହିକ ଶଟ୍ ଡାଉନ ନ ମାନି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚା' ଦୋକାନ ଖୋଲିଥିବା ବେଳେ ତହସିଲଦାର ଉକ୍ତ ଚା ଦୋକାନକୁ ସିଲ୍ କରିଛନ୍ତି।

# କୂଳ ଖାଉଛି ଦୁଇମୁହାଣୀ

**କୁଆମରା,୧୦।୮(ଡି.ଏନ୍.ଏ.)**



ଖଡ଼ିକାପଦାସ୍ଥିତ ଦୁଇମୁହାଣୀ ନଦୀ।

**ବିପଦରେ ଅଞ୍ଚଳବାସୀ**

**ପଥର ପ୍ୟାକିଂ, ଆଡ଼ିବନ୍ଧ ନିର୍ମାଣ ଦାବି**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଦେଇ ନାହ୍ଲୁଆ ଓ ଗଙ୍ଗାହାର ନାମରେ ଦୁଇଟି ନଦୀ ପ୍ରବାହିତ ହୋଇଛି। ଉକ୍ତ ଦୁଇ ନଦୀ ଖଡ଼ିକାପଦାଠାରେ ମିଶ୍ରଣ ହୋଇ ଗୋଟିଏ ନଦୀରେ ପରିଣତ ହୋଇଥିବାରୁ ତାହା ଦୁଇମୁହାଣୀ ନାମରେ ନାମିତ ହୋଇଛି। ଉକ୍ତ ନଦୀର ୫ଶହ ମିଟର ଦୂର ପଶ୍ଚିମକୁ ଦୁଇଟି ଗ୍ରାମ ରହିଛି। ଦକ୍ଷିଣ ପାର୍ଶ୍ୱରେ କୁଆମରା ପଞ୍ଚାୟତର କସିବଣୀ ଗାଁ ଓ ଉତ୍ତର ପାର୍ଶ୍ୱରେ ପଶୁଦା ପଞ୍ଚାୟତର ଭୋଳପଦା ଗ୍ରାମ। ବାରମ୍ବାର ଏଠାରେ ନଦୀକୂଳ ଖାଉଥିବାରୁ ଆଖପାଖରେ ଥିବା ଗ୍ରାମ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ଦୀର୍ଘ ବର୍ଷ ଧରି ଏପରି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ।

ଗତ ଫାଇଲିନ୍ ସମୟରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ପାଖାପାଖି ୨ଶହ ମିଟର ନଦୀକୂଳ ଅତଡ଼ା ଧସି କସିବଣି ଗ୍ରାମର ୩ଟି ଓ ଭୋଳପଦା ଗ୍ରାମର ୫ଟି ପରିବାରର ଘର ନଦୀଗର୍ଭରେ ଲୀନ ହୋଇଯାଇଥିଲା। ନଦୀକୁ ଲାଗିଥିବା ଚାଷଜମିଗୁଡିକ ନଦୀଗର୍ଭକୁ ଯିବା ସହ ତଳ ପାର୍ଶ୍ୱ ଜମି ବାଲିଚର ହୋଇ ପଡ଼ିଛି। ଫଳରେ ସେହି ସ୍ଥାନ ଆଉ ଚାଷ ଉପଯୋଗୀ ହୋଇପାରୁନାହିଁ। ବନ୍ୟା କଥା ଶୁଣିଲେ ଲୋକେ ଭୟରେ କାଳାତିପାତ କରୁଛନ୍ତି। ବନ୍ୟା ଆସିଲେ ପ୍ରତି ବର୍ଷ କିଛି ନା କିଛି କ୍ଷୟକ୍ଷତି ଘଟିବା ସହ ଚାଷ ଜମି ଓ ଘର ସମ୍ପୂର୍ଣ୍ଣ ନଦୀଗର୍ଭକୁ ଚାଲିଯାଉଛି। ଫାଇଲିନ୍ ପରଠାରୁ ବଡ଼ ବର୍ଷା କିମ୍ବା ବନ୍ୟା ହେଲେ ଲୋକେ ଗାଁଗଣ୍ଡା ଛାଡ଼ି ଉପରମୁଣ୍ଡକୁ ପଳାଇଯାଆନ୍ତି। ନଦୀକୂଳ କ୍ଷୟ ହେବାର ମୁଖ୍ୟ କାରଣ ହେଉଛି ନଦୀ ଦୁଇ ପାର୍ଶ୍ୱରେ ବେଆଇନ ଇଟାଭାଟି। ପ୍ରତିବର୍ଷ ଇଟାଭାଟି ମାଲିକମାନେ ନଦୀ କୂଳରେ ମାଟି ତାଡ଼ି ଇଟା ଭାଟି କରିବା ଫଳରେ ମୃତ୍ତିକା କ୍ଷୟ ହେବା ସହ ସହଜରେ ନଦୀକୂଳ ଖାଉଛି। ଗ୍ରାମ ଓ ଚାଷ ଜମିର ସୁରକ୍ଷା ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ନଦୀର ଦୁଇ ପାର୍ଶ୍ୱରେ ପଥର ପ୍ୟାକିଂ ଓ ଆଡ଼ିବନ୍ଧ ନିର୍ମାଣ ଦାବି କରି ଆସୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନାହିଁ। ପ୍ରତିବର୍ଷ ବନ୍ୟାରେ ଯେପରି କ୍ଷତି ଘଟୁଛି, ତାହାକୁ ଲକ୍ଷ୍ୟ କଲେ ଆଗାମୀ ୧୦ବର୍ଷ ମଧ୍ୟରେ ଦୁଇଟି ଯାକ ଗ୍ରାମ ସମ୍ପୂର୍ଣ୍ଣ ନଦୀଗର୍ଭରେ ଲୀନ ହୋଇଯିବା ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ। ଦୁଇଟି ଗାଁର ମୋଟ ୪୬ ପରିବାର ଆଦିବାସୀ ସମ୍ପ୍ରଦାୟର ଓ ଗରିବ ଶ୍ରେଣୀର ହୋଇଥିବାରୁ ନବେ ପ୍ରତିଶତ ବାସଗୃହ ଝାଟିମାଟିରେ ତିଆରି। ତେଣୁ ଧନଜୀବନ ସୁରକ୍ଷା ନିମନ୍ତେ ସମସ୍ତ ପରିବାରକୁ ସରକାରଙ୍କ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ଦାବି ହେଉଛି। ଏହାସହିତ ନଦୀର ଦୁଇ ପାର୍ଶ୍ୱ ପଥର ପ୍ୟାକିଂ ପାଇଁ ମଧ୍ୟ ଦାବି କରାଯାଇଛି। ଏନେଇ ସ୍ଥାନୀୟ କୁଆମରା ସରପଞ୍ଚ କୁହନ୍ତି ପଥର ପ୍ୟାକିଂ ଓ ଆଡ଼ିବନ୍ଧ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗକୁ ଚିଠି ଲେଖାଯାଇଛି। ପଞ୍ଚାୟତ ସମିତି ବୈଠକରେ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଜଳସମ୍ପଦ ବିଭାଗ ବାରିପଦା ସେକ୍ସନର କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସିଂଙ୍କୁ ଏସଂକ୍ରାନ୍ତରେ ପଚାରିବାରୁ ପଥର ପ୍ୟାକିଂ ପାଇଁ ଟେଣ୍ଡର ହୋଇସାରିଛି। ବର୍ତ୍ତମାନ ବର୍ଷା ଦିନ ଯୋଗୁ ରାସ୍ତା ଖରାପ ପାଇଁ ସେଠାକୁ ଗାଡ଼ି ଯାଇ ପାରୁନାହିଁ। ଖୁବ୍ ଶୀଘ୍ର ଏହି କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

# ଡାକ୍ତରଖାନାରେ ଉତ୍ତେଜନା, ମାମଲା ରୁଜୁ

**ବାରିପଦା ଅଫିସ,୧୦।୮**

**ଆମ୍ବୁଲାନ୍ସ କର୍ମଚାରୀଙ୍କ ଅବହେଳାରୁ ଶିଶୁପୁତ୍ରଙ୍କ ମୃତ୍ୟୁ ଅଭିଯୋଗ**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଆମ୍ବଯୋଡ଼ା ଗ୍ରାମରେ ଶିଶୁପୁତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଅବହେଳା ଯୋଗୁ ଏପରି ଘଟିଥିବା ନେଇ ମୃତକ ଶିଶୁଙ୍କ ମାଆ ବେତନଟୀ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୬/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଛି।

ଅଭିଯୋଗକ ଅନୁଯାୟୀ, ବର୍ଷକର ଏହି ଶିଶୁପୁତ୍ରଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ଶନିବାର ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକେ ୧୦୮ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ନେଉଥିଲେ। ବାରିପଦାଠାରୁ ଅଳ୍ପ ବାଟ ଆସିବା ପରେ ମଞ୍ଚାବନ୍ଧା ନିକଟରେ ଆମ୍ବୁଲାନ୍ସର ଡ୍ରାଇଭର ଓ ଫାର୍ମାସିଷ୍ଟ ଏକ ଢାବାରେ ଦେଢ଼ ଘଣ୍ଟା କାଳ ଖାଇ ବସିବା ସହ ଆମ୍ବୁଲାନ୍ସ ନେବାରେ ବିଳମ୍ବ କରିଥିଲେ। କିଛି ଦୂର ଯିବା ପରେ ଶିଶୁପୁତ୍ରଟି ଅଚେତ ହେବା ଜାଣି ଫାର୍ମାସିଷ୍ଟଙ୍କୁ ଜଣାଇଥିଲେ। ଫାର୍ମାସିଷ୍ଟ ତାଙ୍କୁ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ସମୟରେ ଆମ୍ବୁଲାନ୍ସ ଡ୍ରାଇଭର ଓ ଫାର୍ମାସିଷ୍ଟ ସେଠାରୁ ଖସି ପଳାଇ ଯାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କୃଷ୍ଣଚନ୍ଦ୍ରପୁର ଫାଣ୍ଡିଅଧିକାରୀ ଓ ବେତନଟୀ ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଜାଲରେ ଫସିଲା ଅଜଗର

**କେନ୍ଦୁଝର, ୧୦।୮(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ପଞ୍ଚାୟତ ଖପରାଖାଇ ଗ୍ରାମରୁ ଏକ ୮ଫୁଟରୁ ଊର୍ଦ୍ଧ୍ୱ ଏକ ଅଜଗର ଉଦ୍ଧାର ହୋଇଛି। ଗାଁ ପୋଖରୀରେ ମାଛ ଧରିବା ପାଇଁ ରବିବାର ରାତିରେ ଲୋକେ ଜାଲ ବସାଇଥିଲେ। ସୋମବାର ସକାଳେ ସେହି ଜାଲରେ ଏକ ଅଜଗର ପଡ଼ିଥିଲା। ଲୋକେ ସାପ ଦେଖି ଭୟଭୀତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ସାପ ଧରାଳି ମିଥୁନ ମୁଣ୍ଡା ଓ ମୂରଲୀ ମହାନ୍ତଙ୍କୁ ଖବର ଦେବା ପରେ ଜାଲରୁ ଅଜଗରକୁ ବାହାର କରାଯାଇଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ଅଜଗରକୁ ସ୍ଥାନୀୟ ଜଙ୍ଗଲରେ ଛାଡିଦେଇଥିବା ଜଣାପଡିଛି।

# ଘରେ ପୂରାଇଲେନି ପୁଅ, ମା'ବାରଦୁଆର

**ଧାମନଗର,୧୦।୮(ଡି.ଏନ.ଏ.)**

ପୁଅଟିଏ ଜନ୍ମ ହେଲେ ସବୁଠୁ ବେଶୀ ଖୁସି ହୋଇଥାନ୍ତି ମା'ବାପା। ବୃଦ୍ଧକାଳେ ସାହାରା ହେବା ଆଶାରେ ସେମାନେ ଦୁନିଆର ସବୁ ଖୁସି ପୁଅ ପାଇଁ ଅଜାଡି ଦେଇଥାନ୍ତି। ହେଲେ କେତେକ କ୍ଷେତ୍ରରେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବୃଦ୍ଧ ମା' ବାପାଙ୍କୁ ଅସହାୟ ସମୟରେ ସାହାରା ହେବା ବଦଳରେ ଘରୁ ତଡି ଦେଉଥିବା ଭଳି ଘଟଣା ନଜରକୁ ଆସୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅଞ୍ଚଳରେ। ବଉଳ ସାହୁ ନାମ୍ନୀ ୭୦ ବର୍ଷୀୟା ବିଧବାଙ୍କୁ ତାଙ୍କ ପୁଅ ଘରୁ ବାହାର କରିଦେବା ପରେ ସେ ଆଶ୍ରୟ ପାଇଁ ବାର ଦୁଆର ହେଉଛନ୍ତି। ବୃଦ୍ଧାଜଣକ ଗତ ୧୬ତାରିଖରେ ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହ ଘରେ ରଖିବାକୁ ପୁଅଙ୍କୁ ନିର୍ଦ୍ଦେଶ ଦେଇଥିଲେ ବି ସେ ତାହାକୁ ମାନି ନ ଥିଲେ। ବଉଳ ପୁନର୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ବି ଫଳ ଶୂନ। ବାରମ୍ବାର ସେ ଥାନାକୁ ଦୌଡି ନୟାନ୍ତ ହୋଇପଡିଲେଣି। ସେ ଜଣେ ଶ୍ୱାସରୋଗୀ। ବାହାରେ ବୁଲି ବୁଲି ତାଙ୍କର ଶ୍ୱାସ ରୋଗ ବଢିଯାଇଛି। ସ୍ଥାନୀୟ ଲୋକେ ପୁଅକୁ ବୁଝାଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛନ୍ତି। ଏହାପରେ ସେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ଖୁଣ୍ଟାରେ ପ୍ରଥମ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

**ଖୁଣ୍ଟା,୧୦।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକରେ ଜଣେ କରୋନା ଆକ୍ରାନ୍ତଙ୍କ ରବିବାର ମୃତ୍ୟୁ ଘଟିଛି। ବ୍ଲକର ପ୍ରଥମ କରୋନା ଜନିତ ମୃତ୍ୟୁ ବୋଲି ସୂଚନା ଦିଆଯାଇଛି। ମୃତକ ୫୮ ବର୍ଷୀୟ ପୁରୁଷ। ଗତ ୧ ତାରିଖରେ ତାଙ୍କୁ ଉଦଳା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ କରୋନା ଟେଷ୍ଟ କରାଯାଇଥିଲା। ୪ରେ ପଜିଟିଭ୍ ରିପୋର୍ଟ ଆସିବା ପରେ ତାଙ୍କୁ ବାରିପଦା ବାଙ୍କୀଶୋଳସ୍ଥିତ ଜିଲା କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା। ୫ରେ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ୯ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।



ଟ୍ରଲିରେ ବୃଦ୍ଧ ବ୍ୟାଙ୍କ ଯାଉଛନ୍ତି।

# ପେନ୍‌ସନ ପାଇଁ ଟ୍ରଲିରେ ଆସିଲେ ବୃଦ୍ଧ

**ତିହିଡ଼ି, ୧୦।୮(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ୟୁକୋ ବ୍ୟାଙ୍କ ଶାଖାରୁ ପେନସନ ନେବା ପାଇଁ ଜଣେ ଅସହାୟ ବୃଦ୍ଧ ଟ୍ରଲିରେ ବୁହାହୋଇ ବ୍ୟାଙ୍କକୁ ଆସିଥିବା ଦେଖିବାକୁ ମିଳିଥିଲା। ସେ ଜଣେ ଅବସରପ୍ରାପ୍ତ ଶିକ୍ଷକ ପଦନ ଚରଣ ନାୟକ(୭୫)। ତାଙ୍କ ଘର ସିନ୍ଦୋଳ ଗ୍ରାମରେ। ସେ ବ୍ୟାଙ୍କ ଆସିବା ପାଇଁ ଅସହାୟ ହୋଇଥିବାରୁ ଘରେ ପେନସନ ଦିଆଯିବା ଲାଗି ବ୍ୟବସ୍ଥା କରାଯିବାକୁ ଗତମାସରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଥିଲେ। ବ୍ୟାଙ୍କ ପକ୍ଷରୁ ଏନେଇ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା ବୋଲି ପେନସନ୍‌ଧାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଫଳରେ ତାଙ୍କୁ ଏକ ଟ୍ରଲିରେ ବ୍ୟାଙ୍କକୁ ପେନ୍‌ସନ ଟଙ୍କା ଉଠାଣ ପାଇଁ ଅଣାଯାଇଥିଲା। ଏ ସମ୍ପର୍କରେ ବ୍ୟାଙ୍କ ଉପଶାଖା ପରିଚାଳକ ସଞ୍ଜୁକ୍ତା ସାହୁ କହିଥିଲେ ଯେ, ଆମ ବ୍ୟାଙ୍କ ଶାଖାରେ ଅଳ୍ପ ସଂଖ୍ୟାରେ କର୍ମଚାରୀ ଥିବାରୁ ସାମୟିକ ଅସୁବିଧା ହେଉଛି। ତଥାପି ଆସନ୍ତାମାସଠାରୁ ତାଙ୍କୁ ଘରେ ପେନସନ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ।

# ରାସ୍ତା ଅବରୋଧ ନେଇ ଅସନ୍ତୋଷ

**କେନ୍ଦୁଝର, ୧୦।୮ (ସ୍ୱ.ପ୍ର.)**

**ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ**

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଗୁଣ୍ଡୁରୀଯୋଡା ଗ୍ରାମର ମଧୁସୂଦନପୁର ସାହିରେ ଜୁଆଙ୍ଗ ଜନଜାତି ଓ ଅନ୍ୟ ଆଦିବାସୀଙ୍କ ସବୁଦିନିଆ ରାସ୍ତାକୁ ଜଣେ ବ୍ୟକ୍ତି ଅବରୋଧ କରିଦେଇଥିବାରୁ ଲୋକେ ଯାତାୟାତ କରିପାରୁନାହାନ୍ତି। ସରକାରଙ୍କ ଠାରୁ ଏହି ଭୂମିହୀନ ଆଦିବାସୀ ଲୋକ ମାନେ ରହିବା ପାଇଁ ଘର ନିର୍ମାଣ ପାଇଁ ୪ ଡେସିମିଲ ଜଙ୍ଗଲ ଜମି ପଟ୍ଟା ପାଇଛନ୍ତି। ଉକ୍ତ ଜମିରେ ସରକାରଙ୍କ ବିଜୁ ପକ୍କା ଘର ଯୋଜନାରେ ଘର ନିର୍ମାଣ କରି ରହୁଛନ୍ତି। ତେବେ ଉକ୍ତ ସାହିରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଯାତାୟାତ ରାସ୍ତାକୁ ଉକ୍ତ ଗ୍ରାମର ଦୁଇ ଜଣ ଅଣଆଦିବାସୀ ଲୋକ ଅନ୍ୟାୟ ଭାବରେ ଅବରୋଧ କରିଥିବା ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ତେଲକୋଇ ତହସିଲରେ ଅଭିଯୋଗ କରିଥିଲେ ହେଁ ନ୍ୟାୟ ଦେବା ବଦଳରେ ଘର ଭାଙ୍ଗି ଚାଲିଯିବାକୁ କହିବାରୁ ବାଧ୍ୟ ହୋଇ ବହୁ ଖର୍ଚ୍ଚାନ୍ତ ହୋଇ ପ୍ରାୟ ୬୦ କିମି ଦୂର ଜିଲାପାଳଙ୍କ କାର୍ଯ୍ୟାଳୟ କୁ ସୋମବାର ଆସି ଅଭିଯୋଗ କରିଥିବା କହିଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**କେନ୍ଦୁଝର, ୧୦।୮ (ସ୍ୱ.ପ୍ର.)**

ତାଳଚେରରୁ ଯୋଡ଼ା (କେନ୍ଦୁଝର ଜିଲା) ଦେଇ ଯାଇଥିବା ୧୧ ହଜାର କେଭି ଲାଇନ ବିଦ୍ୟୁତ ସଂସ୍ପର୍ଶରେ ଆସି କେନ୍ଦୁଝର ସଦର ଥାନା ଜାମୁଡିହା ଗ୍ରାମର ରଞ୍ଜନ ଦେହୁରୀଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ଯେ, ଉକ୍ତ ଯୁବକ ଏକ ସଂସ୍ଥାରେ ଲାଇନ କାମ (୧୧ ହଜାର କେଭି ଲାଇନ ତାର) ରେ ନିୟୋଜିତ ଥିଲେ। ରବିବାର ବାଂଶପାଳ ବ୍ଲକର କାଇପୁର ଘାଟି ନିକଟରେ ତାରକୁ ଲାଗିଥିବା ଗଛ ସଫେଇ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ପରେଡ୍‌ରେ ଯୋଗ ଦେବେନି ଛାତ୍ରୀଛାତ୍ର

**ଭଦ୍ରକ ଅଫିସ, ୧୦।୮**

ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ନେହେରୁ ଷ୍ଟାଡିୟମ୍‌ରେ ପାଣି ଥିବା କାରଣରୁ ଭଦ୍ରକ କଲେଜ ପଡ଼ିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବା ଲାଗି ସ୍ଥିର ହୋଇଛି। କୋଭିଡ଼ କଟକଣାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଉକ୍ତ ଦିନ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯିବ। ପରେଡରେ ପୋଲିସର ୩ଟି ଟିମ୍ ଅଂଶଗ୍ରହଣ କରିବେ। ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଏଥିରେ ଯୋଗଦେବେ ନାହିଁ। ସର୍ବସାଧାରଣଙ୍କୁ ଯିବାକୁ ବାରଣ କରାଯାଇଛି। ଏହାବ୍ୟତୀତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକାକୁ କେବଳ ଅନୁଷ୍ଠାନର ମୁଖ୍ୟମାନେ ସାମାଜିକ ଦୂରତା ଓ ମାସ୍କ ପିନ୍ଧି ଉତ୍ତୋଳନ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଅରୁଣ ମହାପାତ୍ର, ଉପଜିଲାପାଳ ପୀତାମ୍ବର ସାମଲ, ପିଡି ମଧୁସୂଦନ ଦାସ, ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପାଣି ଘେରରେ ୬ଶହ ହେକ୍ଟର ଚାଷଜମି

**ପଦ୍ମପୁର, ୧୦।୮(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର, ସୁଗୋ, ଏଡ଼ତାଳ, ଲୁଙ୍ଗା, ଜଗନ୍ନାଥପ୍ରସାଦ, ଗୁଆଗଡ଼ିଆ, ଲକ୍ଷ୍ମୀଦାସପୁର ପଞ୍ଚାୟତର ୬ଶହ ହେକ୍ଟର ଚାଷଜମି ୭ ଦିନ ଧରି ଲଘୁଚାପ ଜନିତ ବର୍ଷା ଜଳରେ ପ୍ରଭାବିତ ହୋଇଛି। ବର୍ଷା ସହ ମନ୍ତେଇର ଉଠା ଜୁଆର, ଧଳା ଓ କଞ୍ଚୁଡ଼ିର ବନ୍ୟାଜଳ ମିଶି ବନ୍ୟା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି। ଉପରୋକ୍ତ ପଞ୍ଚାୟତର ଚାଷଜମି ଗୁଡ଼ିକ ୨ ରୁ ୩ ଫୁଟ ପାଣି ତଳେ ରହି ପଚି ଯିବାକୁ ବସିଲାଣି। ଏଥିସହ ବିଭିନ୍ନ ସ୍ଲୁଇସ୍ ଗେଟ୍ ଏବଂ ନଦୀରେ ବିଲାତି ବୋର ଜମା ହୋଇ ବନ୍ୟା ଜଳ ନିଷ୍କାସନରେ ବାଧକ ସାଜିଛି। ଫଳରେ ବନ୍ୟାଜଳ ନିଷ୍କାସିତ ହୋଇନପାରି ଚାଷଜମି ଉପରେ ଜମି ରହିଛି। ଏଥିସହ ପାଣିପାଗ ବିଭାଗ ସୂଚନା ଅନୁସାରେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଯାହାଫଳରେ ଆଗରୁ ୩ ରୁ ୪ ଦିନ ବର୍ଷା ହେବାର ସମ୍ଭାବନା ରହିଛି। ଅଧିକ ବର୍ଷା ଲାଗି ରହିଲେ ପରିସ୍ଥିତି ଅଧିକ ଗମ୍ଭୀର ହେବା ସହ ଚାଷ ଜମି ସମ୍ପୂର୍ଣ୍ଣ ଉଜୁଡ଼ି ଯିବାର ସମ୍ଭାବନା ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।



ଜଣେ ଚାଷୀ ଭେଳା ସାହାଯ୍ୟରେ ଚାଷ ଜମି ଦେଖିବାକୁ ଯାଉଛନ୍ତି।

# ବକେୟା ଦରମା ଲାଗି ଜିଲାପାଳଙ୍କ ଦ୍ୱାରସ୍ଥ

**ବାଲେଶ୍ୱର ଅଫିସ, ୧୦।୮**



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିଭିନ୍ନ ଶ୍ରମିକ ସଙ୍ଗଠନର ନେତୃବର୍ଗ।

ବାଲେଶ୍ୱର ଜିଲା ରେମୁଣା ଶିଳ୍ପାଞ୍ଚଳ ଥାନା ଅଧୀନ ସରସ୍ୱତୀପୁରସ୍ଥିତ ବିର୍ଲା ଟାୟାର୍ସ କାରଖାନାରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିବା ଶ୍ରମିକମାନେ ଦୀର୍ଘ ୮ମାସ ଧରି ବକେୟା ଦରମା ପାଇନାହାନ୍ତି। ଏନେଇ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ସୋମବାର ବିଭିନ୍ନ ଶ୍ରମିକ ସଙ୍ଗଠନ ଦାୟିତ୍ୱରେ ଥିବା ନେତୃବର୍ଗମାନେ ମିଳିତ ହୋଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରି ବକେୟା ଦରମା ତୁରନ୍ତ ପୈଠ ପାଇଁ ଦାବି କରିଛନ୍ତି।

ପୂର୍ବରୁ ଶ୍ରମିକମାନେ ବିଭିନ୍ନ ଦାବି ନେଇ ବିର୍ଲା ଟାୟାର୍ସ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏହାକୁ ୭ଦିନ ଭିତରେ ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ ଇତିମଧ୍ୟରେ ୧୫ଦିନ ବିତିଯାଇଛି। ଏଯାବତ୍ କୌଣସି ଆଲୋଚନା କିମ୍ବା ଦାବି ପୂରଣ ହୋଇନାହିଁ। ଫଳରେ ୪ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ, ୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ନାହିଁ ନ ଥିବା ଆର୍ଥିକ ଅନଟନ ମଧ୍ୟରେ କାଳାତିପାତ ହେଉଛନ୍ତି। ଯଦି ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ ନ ହୁଏ ଜାତୀୟ ରାଜପଥ ଅବରୋଧ କରିବା ପାଇଁ ବାଧ୍ୟ ହେବେ ବୋଲି ବିର୍ଲା ଟାୟାର୍ସ ମଜଦୁର ସଂଘର ସଦସ୍ୟ ଦେବେନ୍ଦ୍ର ସିଂ ଚେତାବନୀ ଦେଇଛନ୍ତି। ବିର୍ଲା ବିଜୁ ପଟ୍ଟନାୟକ କର୍ମଚାରୀ ସଭାର କମଳଲୋଚନ ଦାସ, ବିଜୁ କର୍ମଚାରୀ ସଂଘର ଶିବ ପ୍ରସାଦ ଦାସ, ବିର୍ଲା ଟାୟାର୍ସ କର୍ମଚାରୀ ସଂଗ୍ରାମୀ ସାମ୍ମୁଖ୍ୟର ରାମାୟଣ ଯାଦବ, ବିର୍ଲା ଟାୟାର୍ସ ଶ୍ରମିକ କଂଗ୍ରେସର ଅଶୋକ ରାଉତ, ବିର୍ଲା ଟାୟାର୍ସ ୱାର୍କର୍ସ ଆଣ୍ଡ ଏମ୍ପ୍ଲୋଇ ୟୁନିଅନ୍‌ର ନୀଳକମଲ ଦାସ, ବିଜୁ ଶ୍ରମିକ ସଂଘର ଛବିନ୍ଦ୍ର ମହାନ୍ତି ପ୍ରମୁଖ ଶ୍ରମିକ ସଙ୍ଗଠନର ନେତୃବର୍ଗମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

